# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 June - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ୧୭ତମ କିସ୍ତି ପ୍ରଦାନ କରିବେ

— ବରଗଡ଼ରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

- ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ
- ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଖୋଲିବା ନେଇ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଏବଂ

- ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମପ୍ରବାହ; ଆଜି ୧୭ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଉପରେ ଥିବା ପାଣିପାଗ କେନ୍ଦ୍ରର ସୂଚନା

## ପିଏମ୍ କିଷାନ ନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପିଏମ୍-କିଷାନ ସମ୍ମାନନିଧି ଯୋଜନାର ୧୭ତମ କିସ୍ତି ପ୍ରଦାନ କରିବେ। ଉତ୍ତରପ୍ରଦେଶର ବାରଣାସୀରେ ପ୍ରଧାନମନ୍ତ୍ରୀ ଏକ ସ୍ୱତନ୍ତ୍ର ଉତ୍ସବରେ ୯ କୋଟି ୨୬ ଲକ୍ଷ କୃଷକ ପରିବାରକୁ ୨୦ ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରିବେ। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଜରିଆରେ କୃଷକମାନଙ୍କ ବ୍ୟାଙ୍କ୍‌ଖାତାକୁ ଅର୍ଥରାଶି ପଠାଯିବ।

ରାଜ୍ୟର ବିଭିନ୍ନ ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରଗୁଡ଼ିକରେ ପିଏମ୍-କିଷାନ୍ ସମ୍ମାନନିଧି ଯୋଜନା କାର୍ଯ୍ୟକ୍ରମ ଆୟୋଜନ ହେବ। ଅପରାହ୍ଣ ୪ଟା ୩୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରଗଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମଧ୍ଯ ଉପସ୍ଥିତ ରହିବେ। ସେହିପରି ପୁରୀ ଜିଲ୍ଲାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କଟକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନୟାଗଡ଼ରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଓ ଖୋର୍ଦ୍ଧାରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେବେ। ଅନ୍ୟ ଜିଲ୍ଲାଗୁଡ଼ିକରେ ମନ୍ତ୍ରିପରିଷଦର ସଦସ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ବିଧାନସଭା ଅଧିବେଶନ

ଓଡ଼ିଶା ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଅଧିବେଶନ କାଳରେ ନବନିର୍ବାଚିତ ବିଧାୟକମାନେ

ଆସନ୍ତାକାଲି ଓ ୧୯ ତାରିଖରେ ଶପଥପାଠ କରିବେ। କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ  ବିଧାୟକମାନଙ୍କୁ ଶପଥପାଠ କରାଇବେ। ୨୦ ତାରିଖରେ ବିଧିବଦ୍ଧ ଭାବେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ସ୍ୱତନ୍ତ୍ର ଅଧିବେଶନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ ଷଡଙ୍ଗୀ କହିଛନ୍ତି। ବିଧାନସଭା ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ଅବସରରେ ଆଜି ଶ୍ରୀ ଷଡଙ୍ଗୀ କହିଛନ୍ତି, ସ୍ୱତନ୍ତ୍ର ଅଧିବେଶନ କାଳରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ମୋଟ୍ ୮ ପ୍ଲାଟୁନ୍ ପୁଲିସ୍ ମୁତୟନ ସହ ୩୫ ଜଣ ପୁଲିସ୍ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବେ।

## ମୁଖ୍ୟମନ୍ତ୍ରୀ-ଜଳସମ୍ପଦ ବୈଠକ

ରାଜ୍ୟର ଚାଷୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ସରକାରଙ୍କର ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।  ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଜି ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଜଳସମ୍ପଦ ବିଭାଗର ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ଭିତରେ ଶେଷ କରାଯିବ। ପୂର୍ତ୍ତ ବିଭାଗ ସହିତ ସମନ୍ୱୟ ରଖି ନିଷ୍ଠାର ସହିତ ସମ୍ପୂର୍ଣ୍ଣ ପାରଦର୍ଶୀତା ଅନୁସାରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବର୍ଷାଋତୁରେ ପାଣିର ଉପଯୁକ୍ତ ସଂରକ୍ଷଣ ଏବଂ ବନ୍ୟା ପରିସ୍ଥିତିରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ କଟକ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି  କଟକ ଗସ୍ତରେ ଆସି ଓଡ଼ିଆ ବଜାରଠାରେ ଥିବା ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ଜାନକୀନାଥ ଭବନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ କଟକ ବକ୍ସିବଜାର ସ୍ଥିତ ଦୈନିକ ସମ୍ବାଦପତ୍ର ସମାଜ କାର୍ଯ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ କ୍ୟାଣ୍ଟନମେଣ୍ଟ ଛକରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ

ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ସହିତ ଏମ୍.ଏସ୍.ଏମ୍.ଇ. ବିଭାଗର ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ଆଜି ଗୋକୁଳାନନ୍ଦ ମଲ୍ଲିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟରେ ମାଛ ଚାଷ ଓ ପଶୁପାଳନ କରୁଥିବା ଚାଷୀଙ୍କ ପାଇଁ ଆଗାମୀ ଦିନରେ ଅନେକ ଯୋଜନା ପ୍ରସ୍ତୁତ ହେବ। ବିଭିନ୍ନ କ୍ଷେତ୍ରରେ ରିହାତି ଘୋଷଣା କରାଯିବ। ଏହା ସହିତ କେନ୍ଦ୍ର ସରକାରଙ୍କର ଯୋଜନା ଚାଷୀମାନଙ୍କ ପାଖରେ ପହଞ୍ଚାଇବା ଉପରେ ସେ ଗୁରତ୍ୱ ଦେଇଥିଲେ। ଏ ନେଇ ୧୦୦ ଦିନ ଭିତରେ କାର୍ଯ୍ୟଖସଡା ପ୍ରସ୍ତୁତ କରିବାକୁ ଶ୍ରୀ ମଲ୍ଲିକ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଶିକ୍ଷକ ସଂଘ ସଭା

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି କଳାହାଣ୍ଡି ଜିଲ୍ଲା ଗସ୍ତ କରିଛନ୍ତି । ଜିଲ୍ଲାର ବିଭିନ୍ନ ବର୍ଗର ଲୋକେ ଶ୍ରୀ ଗଣ୍ଡଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ପରେ ସେ କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ସଭାରେ ଯୋଗ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ, ଓଡ଼ିଶା ଆଗାମୀ ଦିନରେ ଏକ ବିକଶିତ ରାଜ୍ୟରେ ପରିଣତ ହେବ । ଶିକ୍ଷାର ସଂସ୍କାର ଓ ମାନ ବୃଦ୍ଧି ଲାଗି ସମସ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ ।

## କାଲି ଖୋଲିବ ସ୍କୁଲ

ଗ୍ରୀଷ୍ମ ଅବକାଶ ପରେ ଆସନ୍ତାକାଲି ରାଜ୍ୟର ସମସ୍ତ ବିଦ୍ୟାଳୟ ଖୋଲିବ । ତେବେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳମାନେ ସ୍କୁଲ ଛୁଟି ଘୋଷଣା କିମ୍ବା ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ପାଣିପାଗ ବିଭାଗ ସୂଚନାକୁ ଭିତ୍ତିକରି ଜିଲ୍ଲାପାଳମାନେ ସ୍କୁଲ ଖୋଲିବା ନିଷ୍ପତ୍ତି ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶନାମା ଅନୁଯାୟୀ, ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାର ପାଣିପାଗ ସ୍ଥିତି ଅନୁଯାୟୀ, ସରକାରୀ, ବେସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛୁଟି ଘୋଷଣା କିମ୍ବା ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରିପାରିବେ । ଯେଉଁଠି ପାଗ ଅନୁକୂଳ ଥିବ ସେହି ସବୁ ସ୍ଥାନଗୁଡ଼ିକରେ ସକାଳ ସାଢ଼େ ୬ଟାରୁ ୧୦ଟା ପର୍ଯ୍ୟନ୍ତ ସ୍କୁଲ ହେବ । ଅନ୍ୟପକ୍ଷରେ, ସରକାରଙ୍କର ପୂର୍ବ ବିଜ୍ଞପ୍ତି

ଅନୁସାରେ,  ଶିକ୍ଷକ, ପାଚିକା ଓ ସହାୟିକା ନିଜନିଜ ବିଦ୍ୟାଳୟକୁ  ଆଜି ଆସି ରୋଷେଇଶାଳ ଓ ରୋଷେଇ ସାମଗ୍ରୀକୁ ଯାଞ୍ଚ କରିଛନ୍ତି। ଆସନ୍ତାକାଲିଠାରୁ ବିଦ୍ୟାର୍ଥୀମାନଙ୍କୁ ନିୟମିତ ମଧ୍ୟାହ୍ନଭୋଜନ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ପରେ ଗଂଜାମ ଜିଲ୍ଲାରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ। ବାଲେଶ୍ୱର ଜିଲ୍ଲାରେ ଆସନ୍ତାକାଲି ସମସ୍ତ ସ୍କୁଲ ଛୁଟି ଘୋଷଣା କରାଯାଇଥିବାବେଳେ ଜୁନ୍ ୧୯ ତାରିଖ ସକାଳ ସାଢ଼େ ୬ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ସ୍କୁଲ ହେବ। ସେହିପରି ଖୋର୍ଦ୍ଧା, କେନ୍ଦୁଝର, କଟକ, ଦେବଗଡ଼, କଟକ, ଜଗତ୍‌ସିଂହପୁର ଓ ଅନୁଗୁଳରେ ଆସନ୍ତାକାଲିଠାରୁ ସକାଳୁଆ ସ୍କୁଲ ହେବ।

## ପରିବେଶ-ଚାରା ରୋପଣ

ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାକୁ ଦୂର କରିବା ଏବଂ ପ୍ରାକୃତିକ ପରିବେଶ ସୁରକ୍ଷା କରିବା ଲାଗି ଆସନ୍ତା ୧ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୬ କୋଟି ୫୦ ଲକ୍ଷ ଚାରାରୋପଣ କରାଯିବ। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୪ କୋଟି ଚାରା ରୋପଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସାମୂହିକ ଚାରାରୋପଣ କାର୍ଯ୍ୟରେ ଏନ୍.ଏସ୍.ଏସ୍, ଏନ୍.ସି.ସି. ଗାଁ ସ୍ତରୀୟ ଅନୁଷ୍ଠାନ, ସାମାଜିକ ଅନୁଷ୍ଠାନ ଏବଂ ଅନ୍ୟମାନଙ୍କୁ ସାମିଲ କରାଯିବାକୁ ଯୋଜନା କରାଯାଇଛି।

ଏହି କ୍ରମରେ ସାରା ଦେଶରେ ୧ ବର୍ଷ ମଧ୍ୟରେ ୧୪୦ କୋଟି ଚାରା ରୋପଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତମାସ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଗୋଟିଏ ଗଛ ମାଆ ନାମରେ' ଅଭିଯାନ ଆରମ୍ଭ କରିଥିଲେ। ପରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟକୁ ଚାରା ରୋପଣ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ସ୍ତରରେ ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ଅଶୀ କୋଟି ଚାରା ରୋପଣ କରାଯିବ। ପଶ୍ଚିମବଙ୍ଗରେ ସର୍ବାଧିକ ୩୯ କୋଟି ଚାରା ରୋପଣ କରାଯିବ।  ଚାରା ରୋପଣ ପରେ ଏହାର ସବିଶେଷ ତଥ୍ୟ **merilife.nic.in** ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ଲାଗି ପରିବେଶ ମନ୍ତ୍ରଣାଳୟ ସୂଚନା ଦେଇଛି।

## ପୁରୀ ବୈଠକ

ରାଜ୍ୟ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରଥଯାତ୍ରା ଓ ସ୍ନାନଯାତ୍ରାର ଆୟୋଜନ ନେଇ ଆଲୋଚନା କରିଛନ୍ତି।

ସେହିଭଳି ସ୍ନାନଯାତ୍ରା ଓ ରଥଯାତ୍ରାର ଶୃଙ୍ଖଳିତ ଆୟୋଜନ ପାଇଁ ପୁରୀ ଏସ୍‌ପିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସେବାୟତମାନେ ଦେଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।

## ରଥଖଳା

ଶ୍ରୀକ୍ଷେତ୍ର ପୁରୀ ରଥଖଳାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟ ଚାଲିଛି । ତିନିରଥର ଆଜି ଚାରିନାହାକା ଉଠାଇବା କାର୍ଯ୍ୟ ଅନୁଷ୍ଠିତ ହୋଇଛି । ବିଧି ଅନୁଯାୟୀ, ସ୍ନାନପୂର୍ଣ୍ଣିମା ସୁଦ୍ଧା ଚାରିନାହାକା ଉଠିବା ପରମ୍ପରା ରହିଛି । ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକମାନେ ତିନି ରଥ ଉପରକୁ ଦଣ୍ଡା ଉଠାଇଥିଲେ । ପରେ ମହାରଣା ସେବକମାନେ ତିନି ରଥର ଦଣ୍ଡା ଗୋଲେଇ କାର୍ଯ୍ୟ କରିଥିଲେ । ସୂଚନା ଅନୁଯାୟୀ, ନନ୍ଦୀଘୋଷ ଓ ତାଳଧ୍ୱଜ ରଥର ୯ଟି ଲେଖାଏଁ ଦଣ୍ଡା ଓ ଦର୍ପଦଳନ ରଥର ୭ଟି ଦଣ୍ଡାକୁ ଅଖ ଉପରେ ରଖାଯାଇଛି ।

## ଇଦ୍-ଉଜ୍-ଜୁହା

ସମଗ୍ର ରାଜ୍ୟରେ ଆଜି ଇଦ୍-ଉଜ୍-ଜୁହା ପର୍ବ ପାଳିତ ହେଉଛି । ଏହି ଅବସରରେ ମୁସଲମାନ ସମ୍ପ୍ରଦାୟ ବ୍ୟକ୍ତିମାନେ ରାଜ୍ୟର ବିଭିନ୍ନ ଇଦଗାହ ଓ ମସ୍‌ଜିଦ୍‌ରେ ସମୂହ ନମାଜପାଠ କରୁଛନ୍ତି ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଇଦ୍-ଉଜ୍-ଜୁହା ଅବସରରେ ସମସ୍ତ ଦେଶବାସୀ ଓ ବିଦେଶରେ ରହୁଥିବା ମୁସଲିମ୍ ସମ୍ପ୍ରଦାୟକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ଇଦ୍-ଉଜ୍-ଜୁହା ଲାଗି **ରାଜ୍ୟପାଳ** ରଘୁବର ଦାସ ଅଭିନନ୍ଦନ ଜଣାଇଛନ୍ତି । ସେବା, ସମର୍ପଣ, ତ୍ୟାଗର ଏହି ପର୍ବରେ ସମସ୍ତେ ସାମିଲ

ହେବା ସହ ସର୍ବାଙ୍ଗୀନ ବିକାଶ ଲାଗି ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଏହି ପର୍ବ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ଇଦ୍ ଉଜ୍ ଜୁହା ପର୍ବ ପାଳନ କରାଯାଉଛି ।

## ପାଣିପାଗ-ଅଶୁଘାତ ମୃତ୍ୟୁ

ରାଜ୍ୟରେ ବିଭିନ୍ନ ସ୍ଥାନରେ ଗ୍ରୀଷ୍ମପ୍ରବାହ ସହିତ ଗୁଳୁଗୁଳି ଜାରି ରହିଛି । ୧୭ଟି ସହରର ତାପମାତ୍ରା ଆଜି ୪୦ ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଛି । ବାରିପଦାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଦଶମିକ ୪ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି ।

ଗ୍ରୀଷ୍ମପ୍ରବାହ ଯୋଗୁଁ ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୪୧ କୁ ବୃଦ୍ଧି ପାଇଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ କହିଛନ୍ତି । ବର୍ତ୍ତମାନସୁଦ୍ଧା ଅଂଶୁଘାତ ଜନିତ ମୃତ୍ୟୁ ନେଇ ୧୬୧ଟି ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଛି । ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗକୁ ନେଇ ସରକାରୀ ସ୍ତରରେ ଅନୁସନ୍ଧାନ ଚାଲିଛି ।  ଜୁନ୍ ୩ ତାରିଖ ପରେ ଅଂଶୁଘାତ ଜନିତ ମୃତ୍ୟୁ ନେଇ କୌଣସି ଅଭିଯୋଗ ଆସି ନଥିବା ସ୍ୱତନ୍ତ୍ର ରିଲିଫ କମିଶନର କହିଛନ୍ତି ।

ଅପରପକ୍ଷରେ, ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତାକାଲିଠାରୁ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ଅଛି । ଲଘୁଚାପ ସୃଷ୍ଟି ହେଉ ନ ଥିବାରୁ ମୌସୁମୀ ଆଗକୁ ଅଗ୍ରସର

ହୋଇପାରୁ ନାହିଁ ବୋଲି ଆଂଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, ନୟାଗଡ଼, ନୂଆପଡା, ବଲାଙ୍ଗିର, ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲାର କେତେକ ସ୍ଥାନରେ ଘଡଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି।

**********************************